

# ଅପାଶୋରା କୁନିଅପା

ସୁଭାଷ ଚନ୍ଦ୍ର ପଟ୍ଟନାୟକ , ତିଗିରିଆ

ମଣିଷ ସମାଜ ନିଜ ଭିତରେ କେବେ କେମିତି ଏମିତି ଜଣଜଣଙ୍କୁ ପାଏ ଯାହାଙ୍କୁ ପାଶୋରି ପାରେନାହିଁ । ପଞ୍ଚ ମହାଭୂତରେ ବିଲୀନ ହୋଇସାରିଲା ପରେ ବି ସେ ରହନ୍ତି ଅପାଶୋରା । ମୋ ସମେତ ତିଗିରିଆ ଗଡ଼ର ଉଭୟ ବେବର୍ତ୍ତା ପଟ୍ଟନାୟକ ଓ ରାଉତରାୟ ପଟ୍ଟନାୟକ ବଂଶରେ ଏବଂ ଗାଁ ଲେଖାରେ ଆମେ ଯେତେ ନିଜନିଜକୁ ଭାଇ ଜ୍ଞାନ କରୁ , ସେ ସମସ୍ତଙ୍କପାଇଁ ଯେ ଥିଲେ ଆଦରର କୁନିଅପା । ସବୁବେଳେ  ସେ ସେହିପରି ଥିବେ ଅପାଶୋରା ହୋଇ ।

ରାଜୋଡ଼ା କାଳର ଶେଷ ପର୍ଯ୍ୟାୟରେ ବେବର୍ତ୍ତା ପଦ ଲୋପ ହୋଇ ଦେୱାନ ପଦ ତିଆରି ହୋଇସାରିଥିଲେ ମଧ୍ୟ ବେବର୍ତ୍ତା ବଂଶର ବଡ଼ପୁଅ ରାଜକିଶୋର ଛାମୁ ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ପ୍ରମୋଦ କିଶୋର ପଟ୍ଟନାୟକଙ୍କ ପତ୍ନୀ ଭାବେ ତିଗିରିଆରେ ପାଦ ରଖିଥିଲେ ଆଠଗଡ଼ କୋଠକରଣ ବୁନିଆଦିର ସୁବିଖ୍ୟାତ ଚକ୍ରଧର ପଟ୍ଟନାୟକଙ୍କଜ୍ୟେଷ୍ଠାକନ୍ୟା ସ୍ନେହଲତା ପଟ୍ଟନାୟକ । କୁଟୁମ୍ବ ଛାଡ଼ବାଡ଼ ହୋଇଯାଇଥିଲେ ବି ବେଙ୍ଗଅପାକୁ ବିବାହ କରିଥିବା ହେତୁ ଚକ୍ରଧର ଥିଲେ ସଂପର୍କରେ  ମୋର ପିଉସା ଏବଂ ସବୁ ସଂପର୍କୀୟ ଭାଇମାନଙ୍କର ସ୍ନେହଲତା ଥିଲେ ପିଉସୀଝିଅ ଭଉଣୀ *କୁନିଅପା* ।

ଭାରତ ସାଧାରଣତନ୍ତ୍ରରେ ପରିଣତ ହେବାର ୧୮ ବର୍ଷ ପୂର୍ବ ୧୯୩୨  ଜାନୁଆରୀ ୨୬ ତାରିଖରେ ଜନ୍ମ ହୋଇଥିଲେ, ଦେଶ ସ୍ୱାଧୀନ ହେବାର ୭୦ ବର୍ଷରେ ଫେବୃଆରୀ ତିନି ତାରିଖରେ ସେ ଆଖି ବୁଜିଲେ ।  ସ୍ୱାମୀ ପ୍ରମୋଦ କିଶୋର ପଟ୍ଟନାୟକ ମାତ୍ର ୫୩ ବର୍ଷ ବୟସରେ ୧୯୭୯ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ବଡ଼ପୁଅଟି ଆଗରୁ ଚାଲିଯାଇଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣାରେ ।

ରାଜୋଡ଼ା ତ ନ ଥିଲା । କର୍ପୂର ଉଡ଼ିଯାଇ କେବଳ କନା ପଡ଼ିଥିଲା । ସେହି ଦୁଃସହ ସ୍ଥିତିରେ, ତିନିପୁଅ ପ୍ରଣବ, ପ୍ରଶାନ୍ତ ଓ ପ୍ରଦ୍ୟୁମ୍ନ ଏବଂ ଏକମାତ୍ର ଝିଅ ସୁପ୍ରିୟାର ଲାଳନପାଳନ ସାଙ୍ଗକୁ ଘରଦିଆଁ ଗୋବିନ୍ଦଙ୍କ ଦାୟିତ୍ୱ ତାଙ୍କୁ ହିଁ ସମ୍ଭାଳିବାକୁ ହୋଇଥିଲା । ବସ୍ତୁତଃ ଗୋବିନ୍ଦଙ୍କୁ ମିଶାଇ ପାଞ୍ଚୋଟି ଛୁଆର ସେ ଥିଲେ ଜନନୀ ।

ମାତ୍ର ସାରା ତିଗିରିଆ ତାଙ୍କ ଭିତରେ ମା ପରି ଦୟାର୍ଦ୍ର ରୂପଟିଏ ଦେଖୁଥିଲା । ତିଗିରିଆ ପଞ୍ଚାୟତ ସମିତିର ପ୍ରଥମ ମହିଳା ସଦସ୍ୟା ଭାବେ ସେ ସମଗ୍ର ତିଗିରିଆରେ ଗୋଷ୍ଠୀଉନ୍ନୟନର ଥିଲେ ଅନ୍ୟତମ ବିଧାଣୀ । ସେହିପରି , ପ୍ରଶନ୍ନମଣି ଶାରିରୀକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ ବିକଶି ଉଠିଥିଲା ତାଙ୍କରି ସହଯୋଗରେ । କିନ୍ତୁ ସବୁଠୁ ଅଧିକ ପ୍ରେରଣାଦାୟୀ ଥିଲା ତାଙ୍କ ସାନିଧ୍ୟ ।

ତାଙ୍କ ଭିତରେ ଥିବା ମଣିଷଟି, ଯିଏ ଯେ କୌଣସି ପରିସ୍ଥିତିରେ ବି ତାଙ୍କ ପାଖକୁ ଆସୁଥିବା ଆଉ ଗୋଟିଏ ମଣିଷକୁ – ସେ ଅମଣିଷ ହୋଇଥିଲେ ମଧ୍ୟ – ମଣିଷପରି ବ୍ୟବହାର କରେ; ତା କଥା ଶୁଣେ; ତାକୁ ଏପରି ଆଦର ଦିଏ ଯେ , ସେ ଫେରିଲାବେଳେ ଭାବେ, ସତେ ଯେମିତି ଦୁଃଖ ବୋଲି ଆଉ ତାର କିଛି ନାହିଁ , ଥିଲା ଅନନ୍ୟ । ତା ପରି ମଣିଷଟିଏ ଆଉ ଜନ୍ମ ନେବ କି ନାହିଁ କିଏ କହିବ? ସେ ଚିରକାଳ ଅପାଶୋରା ରହିବ ହିଁ ରହିବ ।